# ତାରିଣୀଙ୍କ ଚଇତି ପର୍ବ ଓ ଯଜ୍ଞ ମହୋତ୍ସବ



ନିଶ୍ଚିନ୍ତକୋଇଲି,୭।୪(ସମିସ): ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ନିକଟରେ ଥିବା ତାରିଣୀ ମନ୍ଦିର ପରିସରରେ ମା' ତାରିଣୀ ପରିବାର ପକ୍ଷରୁ ତ୍ରିଦିନାତ୍ମକ ଚଇତି ପର୍ବ, ଯଜ୍ଞ ମହୋତ୍ସବ ଓ ମା'ଙ୍କର ୩୦ତମ ବାର୍ଷିକ ପୂଜାଉତ୍ସବ ଅନୁଷ୍ଠିତ ହୋଇଛି। ମା'ଙ୍କର ଷୋଡଶ ଉପଚାର ପୂଜା, ଘଟଯାତ୍ରା ଏବଂ ମା' ତାରିଣୀ ମେଳା ସମାରୋହରେ ପାଳିତ ହୋଇଛି। ପୂଜକ ନିରଞ୍ଜନ ଶତପଥୀ, ସରୋଜ ଷଡ଼ଙ୍ଗୀ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟର ଅଙ୍କୁରାରୋପଣ, କଳସଯାତ୍ରା, ସପ୍ତସତୀ ଚଣ୍ଡିପାଠ ଆଦି କାର୍ଯ୍ୟକ୍ରମ ସଂପନ୍ନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଭାସ୍କରଚନ୍ଦ୍ର ନାୟକ ଏବଂ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ନିର୍ବାହ କରିଥିଲା ବେଳେ କିଶୋର ରଞ୍ଜନ ଓଝା, ସୁରେନ୍ଦ୍ରନାଥ ସାହୁ, ମାଧବାନନ୍ଦ ମହାପାତ୍ର, ଅଶୋକ ବେହେରା, ଧନେଶ୍ୱର ରାୟ, କୈଳାସ ମହାରଣା ପରିଚାଳନା କରିଥିଲେ।

# ମାର୍କେଟ କମ୍ପ୍ଲେକ୍ସ ଭଡ଼ା ବାକି; ଦୋକାନୀଙ୍କୁ ନୋଟିସ

ସାଲେପୁର,୭।୪(ସମିସ): ଦୀର୍ଘଦିନ ଧରି ଲକ୍ଷାଧିକ ଟଙ୍କାର ଘରଭଡ଼ା ବାକି ପଡ଼ିଥିବାରୁ ସାଲେପୁର ହାଟ ନିକଟରେ ଥିବା ଚନ୍ଦ୍ରାଦେଇପୁର ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଦୋକାନୀଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ପୃକ୍ତ ଦୋକାନୀଙ୍କୁ ନୋଟିସ୍ ଜାରି କରାଯାଇଛି। ଯଦି ତୁରନ୍ତ ବକେୟା ଅର୍ଥ ପୈଠ କରା ନ ଯାଏ, ତେବେ ଖିଲାପକାରୀଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରପଞ୍ଚ ରଶ୍ମିତା ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ଫେବୃୟାରୀରୁ ଏହି ବକେୟା ଭଡ଼ା ପୈଠ କରିବା ପାଇଁ ବାରମ୍ବାର ନୋଟିସ୍ ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅର୍ଥ ଜମା କରିନାହାନ୍ତି। ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ଏହି ଗୁରୁତର ପ୍ରସଙ୍ଗରେ କଟକ ଜିଲ୍ଲାପାଳ ହସ୍ତକ୍ଷେପ କରି ତୁରନ୍ତ ବକେୟା ଅର୍ଥ ଆଦାୟ କରିବାକୁ ପଞ୍ଚାୟତକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ପଞ୍ଚାୟତ ପ୍ରଶାସନ ତତ୍ପର ହୋଇଉଠିଛି। ଦୋକାନୀମାନେ ଅବଧି ମଧ୍ୟରେ ଟଙ୍କା ପୈଠ ନ କଲେ ସେମାନଙ୍କ ଦୋକାନ ଘର ଉପରେ ଆଇନଗତ କଟକଣା ଲଗାଯିବ ବୋଲି ଶ୍ରୀମତୀ ଦାସ ସ୍ପଷ୍ଟ କରିଛନ୍ତି।

# ଗୋରୁ ବୋଝେଇ ଟ୍ରକ୍ ଜବତ

ନରସିଂହପୁର,୭।୪(ସମିସ): ସୋମବାର ବୀରସିଂହପୁର ଗ୍ରାମରୁ ଏକ ଗୋରୁ ବୋଝେଇ ଟ୍ରକକୁ ଜବତ କରିବା ସହ ବୋଝେଇ ଥିବା ୨୫ଟି ଗୋରୁକୁ ଜବତ ଅଟକ ରଖାଯାଇଛି। ନରସିଂହପୁର ପୁଲିସ ଚଢ଼ଉ କରି ଗୋରୁ ବୋଝେଇ ଟ୍ରକକୁ ଜବତ କରିଛି। ଥାନାଧିକାରୀ ତପନ ପତି, ଏଏସଆଇ ଶ୍ରୀକାନ୍ତ ଦାଶ, ସୁଜାତା ପ୍ରଧାନଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ବିରସିଂହପୁର ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ୨୫ଟି ଗାଈକୁ ଢେଙ୍କାନାଳସ୍ଥିତ ଗୋଶାଳାରେ ଛାଡ଼ିଦିଆଯାଇଛି। ପୁଲିସ ପକ୍ଷରୁ ଗାଡି ମାଲିକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ସୂତ୍ରରୁ ପ୍ରକାଶ।

# ବିପୁଳ ଦେଶୀ ମଦ ଜବତ; ୨ ଗିରଫ

ବଡ଼ମ୍ବା,୭।୪(ସମିସ): ବଡ଼ମ୍ବା ଥାନା ଅଧୀନ ଗଡ଼ାପୋଖରୀ ଛକ ନିକଟରେ ନରସିଂହପୁର ଅବକାରୀ ବିଭାଗ ଏକ ବୋଲେରୋ ଗାଡ଼ିରୁ ୬୦୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଗାଡ଼ି ଚାଳକ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ଏକ ବୋଲେରୋ ନଂ ଓଡି ୦୫ ୦୨୫୫ ଯୋଗେ ବିପୁଳ ପରିମାଣର ଦେଶୀ ମଦ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ଏହି ଆଧାରରେ ବିଭାଗ ପକ୍ଷରୁ ଗଡ଼ାପୋଖରୀ ଛକ ନିକଟରେ ଜଗି ରହିଥିବା ବେଳେ ସନ୍ଦେହଜନକ ଭାବେ ଯାଉଥିବା ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଗାଡ଼ି ଭିତରୁ ୬୦୦ ଲିଟର ଦେଶୀ ମଦ ଉଦ୍ଧାର କରାଯାଇଥିଲା। ଅବକାରୀ ବିଭାଗ ଏହି ମାମଲାରେ ଗାଡ଼ି ଚାଳକ ପ୍ରିୟବ୍ରତ ବେହେରା ଓ ସହଯୋଗୀ କାର୍ତ୍ତିକ ପ୍ରଧାନଙ୍କୁ ଗିରଫ କରିଛି। ଜବତ ମଦ ଓ ବୋଲେରୋ ଗାଡ଼ିକୁ ବିଭାଗୀୟ କାର୍ଯ୍ୟାଳୟକୁ ଅଣାଯାଇଛି। ଆଜି ଉଭୟ ଅଭିଯୁକ୍ତଙ୍କୁ ବଡ଼ମ୍ବା ଜୁଡ଼ିସିଆଲ କୋର୍ଟକୁ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ନିଶ୍ଚିନ୍ତକୋଇଲି,୭।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ଗ୍ରାମପଞ୍ଚାୟତ ପାଇକରାପୁର ଗ୍ରାମର ବିଶିଷ୍ଟ ଧର୍ମପରାୟଣା ମହିଳା ପ୍ରେମଲତା ପୃଷ୍ଟିଙ୍କ ତାଙ୍କ ବାସଭବନରେ ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ମୁରଲୀଧର ପୃଷ୍ଟି, ଦୁଇ ପୁତ୍ରବଧୂ, ଝିଅ ଜ୍ୱାଇଁ ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ତାଙ୍କର କନିଷ୍ଠ ପୁତ୍ର ପ୍ରଫୁଲ୍ଲ ପୃଷ୍ଟି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ମାହାଙ୍ଗାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ଭଗବାନଙ୍କ ଭରସାରେ ରୋଗୀ, ଶୋଇଛି ପ୍ରଶାସନ




**ସୁଇପର ଲେଖୁଛନ୍ତି ପ୍ରେସକ୍ରିପସନ୍ ତ ଆୟୁଷ ଡାକ୍ତର ଏଲୋପାଥିକ ବିଶେଷଜ୍ଞ**

**ରୋଗୀଙ୍କୁ ଛାଡ଼ି ମେଡିସିନ୍ ରିପ୍ରେଜେଣ୍ଟେଟିଭଙ୍କ ଗହଣରେ ମସଗୁଲ୍ ଡାକ୍ତର**

**ନେତାଙ୍କ ଅପାରଗତାକୁ ନେଇ ଜନଅସନ୍ତୋଷ**

ଭଦ୍ରେଶ୍ୱର,୭।୪(ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ସରକାରୀ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସରକାର ଗ୍ରାମାଞ୍ଚଳରେ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବରେ ମାହାଙ୍ଗାବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ଏକ ପ୍ରହସନ ପାଲଟିଛି। ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଅଭାବ ସାଙ୍ଗକୁ କାର୍ଯ୍ୟରତ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ସାଧାରଣ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏପରିକି ଚିକିତ୍ସାଳୟଗୁଡ଼ିକରେ ଡାକ୍ତରଙ୍କ ବଦଳରେ ସୁଇପର ପ୍ରେସକ୍ରିପସନ୍ ଲେଖିବା ଭଳି ସଂଗୀନ ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ପ୍ରାୟ ୭ ପଞ୍ଚାୟତର ଲୋକଙ୍କ ଭରସା ପାଲଟିଥିବା ପୁରାତନ ଭଦ୍ରେଶ୍ୱର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ବର୍ଷେ ହେବ ସ୍ଥାୟୀ ଡାକ୍ତର କିମ୍ବା ଫାର୍ମାସିଷ୍ଟ ନାହାନ୍ତି। ଜଣେ ଆୟୁଷ ଡାକ୍ତରଙ୍କ ଭରସାରେ ଏହି କେନ୍ଦ୍ର ଚାଲିଥିବା ବେଳେ ସେ ବେଆଇନ ଭାବେ ଏଲୋପାଥିକ ଔଷଧ ଲେଖୁଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ସମସରପୁର ଆରୋଗ୍ୟ କେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ନିଯୁକ୍ତ ଥିଲେ ମଧ୍ୟ ସେମାନେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଛନ୍ତି। ଜଣେ ସୁଇପର ରୋଗୀଙ୍କୁ ପ୍ରେସକ୍ରିପସନ୍ ଲେଖି ଔଷଧ ଦେଉଥିବା ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ, ଏହି ସରକାରୀ ଡାକ୍ତରମାନେ ନିଜ କର୍ତ୍ତବ୍ୟ ଛାଡ଼ି ବେସରକାରୀ କ୍ଲିନିକରେ ଚିକିତ୍ସା କରି ମୋଟା ଅଙ୍କର ଅର୍ଥ ରୋଜଗାରରେ ବ୍ୟସ୍ତ ରହୁଛନ୍ତି। ବ୍ଲକର ମୁଖ୍ୟ ଚିକିତ୍ସାଳୟ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଅରାଜକତା ଦେଖିବାକୁ ମିଳିଛି। ରୋଗୀମାନେ ଧାଡ଼ିରେ ଠିଆ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଡାକ୍ତରମାନେ ବିଭିନ୍ନ ଅନାମଧେୟ ମେଡିସିନ୍ କମ୍ପାନୀର ରିପ୍ରେଜେଣ୍ଟେଟିଭଙ୍କ ସହ ଗପସପ କରି ସମୟ ଅତିବାହିତ କରୁଛନ୍ତି। ଉପଯୁକ୍ତ ସେବା ଅଭାବରୁ ଅନେକ ସମୟରେ ଗର୍ଭବତୀ ମହିଳା ଓ ଶିଶୁମାନେ ଅକାଳରେ ମୃତ୍ୟୁବରଣ କରୁଥିବା ଭଳି ହୃଦୟବିଦାରକ ଘଟଣା ମଧ୍ୟ ଘଟୁଛି। ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଚିକିତ୍ସାଳୟ ପାଇଁ ଚକାଚକ୍ କୋଠା ନିର୍ମାଣ କରୁଛନ୍ତି, ମାତ୍ର ସେଠାରେ ରୋଗୀଙ୍କୁ ସେବା ଦେବା ପାଇଁ ଆବଶ୍ୟକ ଡାକ୍ତର କିମ୍ବା କର୍ମଚାରୀ ନିଯୁକ୍ତି କରୁନାହାନ୍ତି। ଏହି ସମସ୍ୟା ନେଇ ସ୍ଥାନୀୟ ବିଧାୟକ ଓ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସେମାନଙ୍କର ଉଦାସୀନତା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଯଦି ତୁରନ୍ତ ସ୍ୱାସ୍ଥ୍ୟ ସେବାରେ ସୁଧାର ନ ଆସେ, ତେବେ ଆଗାମୀ ଦିନରେ ମାହାଙ୍ଗାବାସୀ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନେମାଳରେ ମା' ବାସେଳୀଙ୍କ ମହାମିଳନ



ଘୋଡ଼ାନାଚ ଓ ଚଇତାଳି ଗୀତରେ କମ୍ପିଲା ଅଚ୍ୟୁତାନନ୍ଦ ପୀଠ

ନେମାଳ,୭।୪(ସମିସ): ପ୍ରସିଦ୍ଧ ଅଚ୍ୟୁତାନନ୍ଦ ପୀଠ ପଦ୍ମବନଠାରେ କୈବର୍ତ୍ତ ମହାସଂଘ ଆନୁକୂଲ୍ୟରେ ୪ଦିନ ବ୍ୟାପୀ ମା' ବାସେଳୀଙ୍କ ମହାମିଳନ ଓ ପାରମ୍ପରିକ ଘୋଡ଼ାନାଚ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ନିକଟସ୍ଥ ଦଧିବାମନ ମନ୍ଦିର ପରିସରରେ ସମସ୍ତ ମା' ବାସେଳୀଙ୍କ ପୂଜାର୍ଚ୍ଚନା କରାଯାଇ ଏହି ସାଂସ୍କୃତିକ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନେମାଳ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର ଓ ସମାଜସେବୀ ନୃସିଂହ ଚରଣ ମୁଦୁଲି ଅତିଥିଭାବେ ଯୋଗଦେଇ ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ଦଧିବାମନଙ୍କ ପୀଠରୁ ଅଚ୍ୟୁତାନନ୍ଦଙ୍କ ପୀଠ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ରୁ ଅଧିକ ମା' ବାସେଳୀଙ୍କ ପ୍ରତିମା ଓ ସଜ୍ଜିତ ଚଇତି ଘୋଡ଼ା ସାମିଲ ହୋଇଥିଲେ। ଚଇତାଳି ଗୀତର ସୁମଧୁର ମୂର୍ଚ୍ଛନା ସାଙ୍ଗକୁ ନାମ ସଂକୀର୍ତ୍ତନରେ ସମଗ୍ର ପୀଠ ପ୍ରକମ୍ପିତ ହୋଇଥିଲା। ବିଶେଷ କରି ପାରମ୍ପରିକ ଘୋଡ଼ାନାଚ ଶତାଧିକ ଦର୍ଶକଙ୍କ ମନ ମୋହିଥିଲା। ସଭାପତି ଦୀପକ ଦଳାଇ, ରମେଶ ବେହେରା, ଧରଣୀଧର ପରିଡ଼ା, ଗଣେଶ ବେହେରା, ବାବାଜୀ ବେହେରା, ଚକ୍ରଧର ମାଦେଳି, ଗୋଲକ ପରିଡ଼ା, ଅଲେଖ ଦଳେଇ, ପ୍ରମୋଦ ଦଳାଇ ଓ ଅଶୋକ ପରିଡ଼ା ସହଯୋଗ କରିଥିଲେ।

# ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ



ତିଗିରିଆ,୭।୪(ସମିସ): ଅପ୍ରେଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ ତିଗିରିଆ ବ୍ଲକ ପରିମଳ ବିଭାଗ ପକ୍ଷରୁ ନିଜିଗଡ଼ ପଞ୍ଚାୟତର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ବିଡିଓ ଧର୍ମରଞ୍ଜନ ପଣ୍ଡା, ଏବିଡିଓ ଯାଜ୍ଞସିନୀ ଗୋଚ୍ଛାୟତ, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନାତନ ସ୍ୱାଇଁ, ସରପଞ୍ଚ ସଂଯୁକ୍ତା ମହାନ୍ତି, ବ୍ଲକ ପରିମଳ ସଂଯୋଜିକା ସୁମିତ୍ରା ସାହୁ, ଅମୀୟବାଳା ଘୋଷ, ମହେନ୍ଦ୍ର କୁଣ୍ଡୁଙ୍କ ସମେତ ଦକ୍ଷ ନଥିପତ୍ର ଲେଖିକା, ଗୋଷ୍ଠୀ ସହାୟିକା, ଆଶା, ଅଙ୍ଗନବାଡ଼ି କର୍ମୀ, ୱାର୍ଡ ସଭ୍ୟ ଓ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିମଳ ବିଭାଗ କର୍ମଚାରୀ ଲଳିତ ମୋହନ ପ୍ରଧାନ ସଂଯୋଜନା କରିଥିଲେ।

# ମାଧପୁର କୈବର୍ତ୍ତ ସଂଘର ବାର୍ଷିକ ଉତ୍ସବ



ଟାଙ୍ଗୀ,୭।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ମାଧପୁର ଗ୍ରାମର କୈବର୍ତ୍ତ ସଂଘର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ବିଜେଡି ସଭାପତି ଉମେଶଚନ୍ଦ୍ର ସ୍ୱାଇଁ ଓ ଦେବେନ୍ଦ୍ର କୁମାର ଜେଠୀ କୈବର୍ତ୍ତ ସଂଘ ଦ୍ୱାରା ହେଉଥିବା ବିଭିନ୍ନ ଗାଁର ଘୋଡ଼ାନାଚକୁ ପ୍ରଶଂସା କରିଥିଲେ। ଭିକାରୀ ବେହେରା, ରବିନ୍ଦ୍ର ରାଉଳ, ଅନନ୍ତ ରାଉଳ ଓ କୁଳମଣି ବେହେରାଙ୍କ ସମେତ କୈବର୍ତ୍ତ ସଂଘର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଆଶ୍ୱାସନା- ୯୦ ପକ୍ଷରୁ ଜଳଛତ୍ର




ନରସିଂହପୁର,୭।୪(ସମିସ): ନରସିଂହପୁର ବ୍ଲକ ଅନନ୍ତ ନାରାୟଣ ହାଇସ୍କୁଲର ୧୯୯୦ ବ୍ୟାଚ ତଥା ସ୍ୱେଚ୍ଛାସେବୀ ସଂଗଠନ ଆଶ୍ୱାସନା-୯୦ ତରଫରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗ୍ରୀଷ୍ମ ପ୍ରବାହ ଥିବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ମିଳିଛି। ହାଟ ଛକଠାରେ ଅନୁଷ୍ଠାନର ଉପଦେଷ୍ଟା ସାଧୁଚରଣ ପଣ୍ଡା, ସଭାପତି ସୁଧାଂଶୁ ମହାପାତ୍ର, କୋଷାଧ୍ୟକ୍ଷ ମଧୁ ପ୍ରଧାନ, ରଜନୀ ବେହେରା, ଅଶୋକ କର, ଦୁଷ୍ମନ୍ତ ପ୍ରଧାନ, ମନୋରଞ୍ଜନ ଦାଶ, ସନାତନ ସାହୁ, ରତ୍ନାକର ସାହୁ, ଧନେଶ୍ୱର ସାହୁ, ଶ୍ରୀକାନ୍ତ ଉପାଧ୍ୟାୟ, ସର୍ବେଶ୍ୱର ମିଶ୍ର, ଅଜୟ ପଟ୍ଟନାୟକ, ଦିଲ୍ଲୀପ ସାହୁ, ଭଜମନ ରଣା ଦ୍ୱାରା ବଜାରରେ ଯାତାୟାତ କରୁଥିବା ପଥିକମାନଙ୍କୁ ପାନୀୟ ଜଳ ପ୍ରଦାନ କରାଯାଇଥିଲା।

# ଶ୍ରୀ ରଘୁନାଥ ପୁସ୍ତକ ଉନ୍ମୋଚନ ଓ ଆଧ୍ୟାତ୍ମିକ ଆଲୋଚନା



ନିଶ୍ଚିନ୍ତକୋଇଲି,୭।୪(ସମିସ): କେଣ୍ଡୁଆଳ ପଞ୍ଚାୟତ ମଲୀପୁରଠାରେ ଥିବା ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପ୍ରସିଦ୍ଧ ଅସୁରେଶ୍ୱର ଦାଣ୍ଡଯାତ୍ରା ଉପଲକ୍ଷେ ଶ୍ରୀ ରଘୁନାଥ ପତ୍ରିକା ଉନ୍ମୋଚନ ଓ ଏକ ଆଧ୍ୟାତ୍ମିକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁସ୍ତକର ସଂପାଦକ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନା ଏବଂ ଶିକ୍ଷାବିତ୍ ବିରୁପାକ୍ଷ ରାୟଙ୍କ ପୌରୋହିତ୍ୟରେ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ଡ. ହରିହର କାନୁନଗୋ, ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ପ୍ରଫେସର ତରୁଣ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରବଚକ ବିଭୂତି ମହାରାଜ, ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନ, ସାହିତ୍ୟିକ ଡ.ଏକାଦଶୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ରଘୁନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଅତିଥିଙ୍କ ଦ୍ୱାରା ଶ୍ରୀ ରଘୁନାଥ ପୁସ୍ତକ ଲୋକାର୍ପଣ ହୋଇଥିଲା। ପୁସ୍ତକର ମୁଖ୍ୟ ସଂପାଦକ ରଞ୍ଜନ କୁମାର ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲା ବେଳେ ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ନିରଞ୍ଜନ ସାହୁ, ବିବେକାନନ୍ଦ ଦାସ, ପ୍ରତିଭା ଦାସ, ପ୍ରଫୁଲ୍ଲ ସିଂହ, ସବିତା ଶତପଥୀ, ପ୍ରଫୁଲ୍ଲ ସାହୁ, ସୁଶାନ୍ତ ନାୟକ, ଜ୍ଞାନେନ୍ଦ୍ର ରାଉତ, ବିକ୍ରମ କେଶରୀ ନାଥ, ବିଜୟ କୁଅଁର, ଆଶିଷ ସାହୁ ଯୋଗଦେଇଥିଲେ। ଉପଦେଷ୍ଟା ଦେବବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ତିଗିରିଆରେ ନୂତନ ବିଡିଓ



ତିଗିରିଆ,୭।୪(ସମିସ): ତିଗିରିଆ ବ୍ଲକରେ ଆଜି ନୂତନ ବିଡ଼ିଓ ଭାବେ ସଂଗ୍ରାମ କେଶରୀ ଭୋଳ ଯୋଗଦାନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଯୋଗଦେବା ପରେ ଏବିଡ଼ିଓ ଯାଜ୍ଞସେନୀ ଗୋଚ୍ଛାୟତ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୈଳାସଚନ୍ଦ୍ର ସାହୁଙ୍କ ସମେତ ବ୍ଲକର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଶ୍ରୀ ଭୋଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବରୁ ବାଙ୍କୀର ବିଡ଼ିଓ ଭାବେ କାର୍ଯ୍ୟ କରିଥିବା ଶ୍ରୀ ଭୋଳ ତିଗିରିଆ ବ୍ଲକର ଜନସାଧାରଣଙ୍କୁ କିଭଳି ତ୍ୱରିତ ଓ ନିଶ୍ଚିତ ସେବା ଯୋଗାଇବେ ସେ ପ୍ରୟାସ କରିବେ ବୋଲି ମତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ତିଗିରିଆ ବ୍ଲକରେ ବିଡ଼ିଓ ଭାବେ କାର୍ଯ୍ୟରତ ମନସ୍ୱିନୀ ଦାସଙ୍କର ଗତ ୨୯ ତାରିଖରେ ବାଙ୍କୀ ଉପଜିଲ୍ଲାପାଳ ଭାବେ ପଦୋନ୍ନତି ହେବା ପରେ ଏହି ପଦ ଖାଲିପଡିଥିଲା।

# ଚୁଲିଲା ପ୍ରଶାସନର ବୁଲଡୋଜର; ହଟିଲା ଜବରଦଖଲ

## ଅସୁରେଶ୍ୱରରୁ ୪୧ ଦୋକାନ ଓ ୫ ପରିବାରର ଘର ଉଚ୍ଛେଦ



ଗୋଚର ଓ ରାଜସ୍ୱ ଜାଗା ମାଡ଼ି ବସିଥିଲେ ଜବରଦଖଲକାରୀ

ନିଶ୍ଚିନ୍ତକୋଇଲି,୭।୪(ସମିସ): କଟିକଟା-ଜୟପୁର ରାସ୍ତାର ଅସୁରେଶ୍ୱର ବଜାର ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଚାଲିଥିବା ବେଆଇନ ଜବରଦଖଲ ଉପରେ ଶେଷରେ ପ୍ରଶାସନର ବୁଲଡୋଜର ଚାଲିଛି। ମଙ୍ଗଳବାର ସକାଳୁ ତହସିଲ ପକ୍ଷରୁ କଡ଼ା ସୁରକ୍ଷା ମଧ୍ୟରେ ୪୧ଟି ଦୋକାନ ଗୃହ ଓ ୫ଟି ପରିବାରର ବାସଗୃହକୁ ଉଚ୍ଛେଦ କରାଯାଇଛି। ୧୦ ନମ୍ବର କେନାଲଠାରୁ ନୃସିଂହ ଅବତାର ପୂଜା ମଣ୍ଡପ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଜବରଦଖଲ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଜଟିଳ ହେବା ସହ ସରକାରୀ କାର୍ଯ୍ୟାଳୟ ନିର୍ମାଣରେ ବାଧା ସୃଷ୍ଟି ହେଉଥିଲା।

ସୂଚନା ଅନୁଯାୟୀ, ଗୋଚର କିସମର ଜାଗା ଏବଂ ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଜମିକୁ ମାଡ଼ି ବସି କିଛି ବ୍ୟକ୍ତି ସ୍ଥାୟୀ ନିର୍ମାଣ କରିଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତହସିଲ ପକ୍ଷରୁ ଗତ ମାର୍ଚ୍ଚ ୧୫ ସୁଦ୍ଧା ଜାଗା ଖାଲି କରିବାକୁ ୪୬ ଜଣଙ୍କୁ ନୋଟିସ୍ ଦିଆଯାଇଥିଲା। ତେବେ ଜବରଦଖଲକାରୀମାନେ ନିଜ ଆଡୁ ଘର ନ ଭାଙ୍ଗିବାରୁ ଅତିରିକ୍ତ ତହସିଲଦାର ଶିବରାମ ସ୍ୱାଇଁଙ୍କ ନେତୃତ୍ୱରେ ଦୁଇଟି ଜେସିବି ମେସିନ ସାହାଯ୍ୟରେ ଏହି ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇଛି। ଏହି ଅଭିଯାନରେ ସରକାରୀ ଅନୁଦାନପ୍ରାପ୍ତ ଏକ ଗୋଷ୍ଠୀ ପାଇଖାନାକୁ ମଧ୍ୟ ଭାଙ୍ଗି ଦିଆଯାଇଛି।

ଉଚ୍ଛେଦ ସମୟରେ ବ୍ୟବସାୟୀମାନେ ନିଜର ସାମଗ୍ରୀ ସୁରକ୍ଷିତ ଭାବେ ବାହାର କରିନେଇଥିଲେ ହେଁ, ଘର ହରାଇଥିବା ୫ଟି ପରିବାର ଏବେ ଅସହାୟ ହୋଇପଡ଼ିଛନ୍ତି। ହଠାତ୍ ବାସଗୃହ ଭଙ୍ଗାଯିବା ଫଳରେ ସେମାନଙ୍କର ଅନେକ ଆସବାବପତ୍ର ନଷ୍ଟ ହୋଇଯାଇଥିବା ବେଳେ ବର୍ତ୍ତମାନ ସେମାନେ ଖୋଲା ଆକାଶ ତଳେ ହୀନସ୍ତା ହେଉଛନ୍ତି। ଅନ୍ୟପଟେ, ଅର୍ଦ୍ଧନିର୍ମିତ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡକୁ କାହିଁକି ଭଙ୍ଗାଗଲା ନାହିଁ, ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଉଚ୍ଛେଦ ସ୍ଥଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ୍ ପୁଲିସ ମୁତୟନ ହୋଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଦିନସାରା ଚାଲିଥିବା ଏହି କାର୍ଯ୍ୟ ସମୟରେ ଜଣେ ପୁଲିସ କର୍ମଚାରୀ ଅଂଶୁଘାତରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ତୁରନ୍ତ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବଜାରରେ ରହିଥିବା ଅନ୍ୟ ଜବରଦଖଲକାରୀଙ୍କୁ କେବେ ଉଚ୍ଛେଦ କରାଯିବ, ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

# ସାଳେପୁର ଆଦର୍ଶ ଥାନା

# ୩୫ ପଦ ଖାଲି, କେମିତି ହେବ ଆଇନ୍‌ଶୃଙ୍ଖଳା ରକ୍ଷା?

ସାଳେପୁର,୭।୪(ସମିସ):

କଟକ ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତଥା ବୃହତ୍ତମ ଥାନା ଭାବେ ପରିଚିତ ସାଳେପୁର ଆଦର୍ଶ ଥାନା ଏବେ କର୍ମଚାରୀ ସଙ୍କଟ ଦେଇ ଗତି କରୁଛି। ଥାନାରେ ଦୀର୍ଘ ଦିନ ଧରି ପ୍ରାୟ ୩୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ପଦ ଖାଲି ପଡ଼ିଥିବାରୁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସରକାର ଓ ପୁଲିସ ପ୍ରଶାସନ ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଳେପୁର ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର ପ୍ରାୟ ୭୦ ପଞ୍ଚାୟତର ସୁରକ୍ଷା ଦାୟିତ୍ୱ ଏହି ଥାନା ଉପରେ ନ୍ୟସ୍ତ ଥିବା ବେଳେ ଆବଶ୍ୟକ ପୁଲିସ ବଳ ନ ଥିବାରୁ ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ଏବଂ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାରେ ବ୍ୟାପକ ବିଳମ୍ବ ଘଟୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଥାନାର ଭିତ୍ତିଭୂମି ଓ କର୍ମଚାରୀ ସ୍ଥିତିକୁ ଅନୁଧ୍ୟାନ କଲେ ଏକ ସଂଗୀନ ଚିତ୍ର ପଦାକୁ ଆସୁଛି। ନିୟମ ଅନୁଯାୟୀ, ଏହି ଥାନାରେ ଦୁଇ ଜଣ ଆଇଆଇସି (ଜଣେ ଥାନା କାର୍ଯ୍ୟ ଓ ଜଣେ ପିସିଆର ଭ୍ୟାନ୍ ପାଇଁ) ରହିବା କଥା, ମାତ୍ର ଦୀର୍ଘ ବର୍ଷ ହେବ ମାତ୍ର ଜଣେ ଅଧିକାରୀଙ୍କୁ ନେଇ ସମସ୍ତ କାର୍ଯ୍ୟ ସମ୍ପାଦିତ ହେଉଛି। ସେହିପରି ୫ ଜଣ ସବ୍‌ଇନିସ୍ପେକ୍ଟରଙ୍କ ପଦ ସ୍ଥଳେ ମାତ୍ର ଜଣେ କାର୍ଯ୍ୟ କରୁଥିବା ବେଳେ ନିକଟରେ ତାଙ୍କର ମଧ୍ୟ ଅନ୍ୟତ୍ର ବଦଳି ହୋଇସାରିଛି। ଏଏସ୍‌ଆଇ ପଦ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି; ୧୦ ଜଣଙ୍କ ବଦଳରେ ମାତ୍ର ୪ ଜଣ କାର୍ଯ୍ୟ କରୁଥିବା ବେଳେ ସେଥିମଧ୍ୟରୁ ଦୁଇ ଜଣଙ୍କର ବଦଳି ହୋଇଛି। ଯେଉଁ ଥାନାରେ ୩୦ ଜଣ କନେଷ୍ଟବଳ ରହିବା କଥା, ସେଠାରେ ମାତ୍ର ୫ ଜଣ କନେଷ୍ଟବଳଙ୍କ ଭରସାରେ ବିସ୍ତୃତ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ନ୍ୟସ୍ତ ଅଛି। ସାଳେପୁର ଓ ମାହାଙ୍ଗା ଅଞ୍ଚଳର ଗଳିକନ୍ଦିରେ ପ୍ରତିଦିନ ଛୋଟବଡ଼ ଅପରାଧିକ ଘଟଣା ଘଟୁଥିବା ବେଳେ କର୍ମଚାରୀ ଅଭାବରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାକୁ ଅକ୍ଷମ ହେଉଛି। ଅତିରିକ୍ତ ଆଇଆଇସି ଏବଂ ହାବିଲଦାର ପଦଗୁଡ଼ିକ ବହୁ ଦିନରୁ ଖାଲି ପଡ଼ିଥିବା ବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି। ଯଦି ପ୍ରଶାସନ ଏହି ଦିଗରେ ତୁରନ୍ତ ପଦକ୍ଷେପ ନ ନିଏ, ଆଗାମୀ ଦିନରେ ଅଞ୍ଚଳର ଆଇନ୍‌ଶୃଙ୍ଖଳା ଜଟିଳ ହେବା ଆଶଙ୍କା କରାଯାଉଛି।

- ୩୦ କନେଷ୍ଟବଳ ବଦଳରେ ଅଛନ୍ତି ମାତ୍ର ୫ ଜଣ
- ସବ୍‌ଇନସ୍ପେକ୍ଟର ଓ ଏଏସ୍‌ଆଇ ପଦ ମଧ୍ୟ ଖାଲି
- ତୁରନ୍ତ ନିଯୁକ୍ତି ପାଇଁ ଜନସାଧାରଣଙ୍କ ଦାବି

## ମହେନ୍ଦ୍ର ମହାନ୍ତି ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତ



ମାହାଙ୍ଗା,୭।୪(ସମିସ): ମାହାଙ୍ଗା ମାଟିର କୃତୀ ସନ୍ତାନ ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଶ୍ରୀ ମହାନ୍ତିଙ୍କ ଏହି ସାଫଲ୍ୟ ପାଇଁ ସମଗ୍ର ମାହାଙ୍ଗା ବ୍ଲକ ତଥା ତାଙ୍କ ଶିକ୍ଷାନୁଷ୍ଠାନ ଭଗବତୀ ବିଦ୍ୟାପୀଠ ଅଞ୍ଚଳରେ ଆନନ୍ଦର ବାତାବରଣ ଖେଳିଯାଇଛି। ପ୍ରଫେସର ମହାନ୍ତି ଶୁକ୍ଳେଶ୍ୱରସ୍ଥିତ ଭଗବତୀ ବିଦ୍ୟାପୀଠର ଜଣେ ପୁରାତନ ଛାତ୍ର। ସେ ଆଇଆଇଟି ଖଡ଼ଗପୁରରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ଓୟୁଏଟିରେ ପ୍ରଫେସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଜଣେ ସୁନାମଧନ୍ୟ ବୈଜ୍ଞାନିକ ଭାବେ ତାଙ୍କର ବେଶ୍ ସୁଖ୍ୟାତି ରହିଛି। ଶିକ୍ଷାଦାନ ବ୍ୟତୀତ ସେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସାହାର'ର ଉପଦେଷ୍ଟା ଏବଂ "ମାଆ ରାଧାଦେବୀ ଦତ୍ତ ଟ୍ରଷ୍ଟ'ର ଟ୍ରଷ୍ଟି ଭାବେ ବହୁ ଜନକଲ୍ୟାଣକାରୀ କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଆଇଏଏସ ଉପେନ୍ଦ୍ର ନାଥ ବେହେରା, ଅନୀଲ ସାମଲ, ଗାନ୍ଧିବାଦୀ କର୍ମୀ ସରୋଜବନ୍ଧୁ ଦାଶ ଏବଂ ସମାଜସେବୀ କୈଳାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଟ୍ରଷ୍ଟ ଅଧ୍ୟକ୍ଷ ଦେବୀ ପ୍ରସାଦ ଦାଶ, ବରିଷ୍ଠ ସାମ୍ବାଦିକ ଅଖିଳେଶ ପଦ ମହାନ୍ତି, ବିଜୟ ଜେନା ଏବଂ ପରିବେଶବିତ ଚିତ୍ତରଞ୍ଜନ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ପ୍ରଫେସର ମହାନ୍ତିଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## 'ଉତ୍ସର୍ଗ' ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ସାଳେପୁର,୭।୪(ସମିସ): କଟକ ଜିଲ୍ଲା ବୈଧ ମାପ ବିଜ୍ଞାନ ଆନୁକୂଲ୍ୟରେ ଓ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ସହଯୋଗରେ ସାଳେପୁର ବ୍ଲକ୍ ବହୁଗ୍ରାମଠାରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ତଥା ପୂର୍ବତନ ବହୁଗ୍ରାମ ସରପଞ୍ଚ ମିଳିରାଣୀ ବୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଳେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମୁଖ୍ୟବକ୍ତା ରୂପେ ବହୁଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଗନ ବିହାରୀ ମିଶ୍ର, ସମ୍ମାନିତ ଅତିଥି ରୂପେ ବୈଧ ମାପ ବିଜ୍ଞାନର ନିରୀକ୍ଷକ ରାଜେନ୍ଦ୍ର ମଲ୍ଲିକ, ମିଶନ୍ ଶକ୍ତି ସଂପାଦିକା ପୂର୍ବତନ ସରପଞ୍ଚ ଜୟଶ୍ରୀ ଓଝା, ହିନ୍ଦୁସ୍ଥାନ ଏରୋନଟିକ୍‌ସର ପୂର୍ବତନ ମୁଖ୍ୟ ପର୍ଯ୍ୟବେକ୍ଷକ ରାମକୃଷ୍ଣ ମହାନ୍ତି ପ୍ରମୁଖ ମାପ ଓଜନ ଠକେଇ, ଡିଜିଟାଲ ଠକେଇ ଓ ଠକେଇର ଶିକାର ହେଲେ କେଉଁଠି ଅଭିଯୋଗ କରାଯିବ, ଜିଲ୍ଲା ଖାଉଟି ଆୟୁକ୍ତ ଓ ରାଜ୍ୟ ଖାଉଟି ଆୟୁକ୍ତଙ୍କର କାର୍ଯ୍ୟ କ'ଣ ତାହା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ମିଶନ୍ ଶକ୍ତିର ଏମ୍‌ବିକେ ଲତିଫା ଖାତୁନ୍ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଉତ୍ସର୍ଗର ସଂଯୋଜିକା ପ୍ରଭାସିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଉତ୍ସର୍ଗର ସଂପାଦିକା ଲକ୍ଷ୍ମୀପ୍ରିୟା ମୁଦୁଲି ଏହାକୁ ପରିଚାଳନା କରିଥିବାବେଳେ ବିଶ୍ୱକର୍ମା ତାଲିମ କେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ।

## ବିଦେଶୀ ମଦ ଜବତ; ଜଣେ ଅଟକ

ସାଳେପୁର,୭।୪(ସମିସ): ସାଳେପୁର ପୁଲିସ ଆଜି ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପ୍ରାୟ ୧୫ ଲିଟର ଚୋରା ବିଦେଶୀ ମଦ ଜବତ କରିବା ସହ ଜଣକୁ ଥାନାରେ ଅଟକ ରଖିଛି। ହରିଚନ୍ଦନପୁର ବ୍ୟାରେଜ୍ ନିକଟରେ ଚଢ଼ଉ କରି ପ୍ରାୟ ୧୫ ଲିଟର ବିଦେଶୀ ମଦ ଜବତ କରିବା ସହ ରାଘବପୁର ଗ୍ରାମର ଚୋରା ମଦ ବ୍ୟବସାୟୀ ଅଲେଖ ପ୍ରତାପକୁ ଥାନାରେ ଅଟକ ରଖିଥିବା ସାଳେପୁର ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ବେହେରାସାହି ଓ ମୁଖୀସାହି ରାସ୍ତା ନିର୍ମାଣ

ସାଳେପୁର,୭।୪(ସମିସ): ସାଳେପୁର ବ୍ଲକ ଧନୁପଡ଼ା ଗ୍ରାମରେ ଦୀର୍ଘଦିନର ସମସ୍ୟାର ସମାଧାନ ହୋଇଛି। ଗ୍ରାମର ବେହେରାସାହି ଓ ମୁଖୀସାହି ରାସ୍ତା ନିର୍ମାଣ ହୋଇ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଯିବାଆସିବା କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ବାତାବରଣ ଖେଳିଯାଇଛି। ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନ ଏବଂ ସରପଞ୍ଚ ଜ୍ୟୋତିରେଖା ନାୟକ ଓ ନାଏବ ସରପଞ୍ଚ ନିରଞ୍ଜନ ସିଂହଙ୍କ ମିଳିତ ଉଦ୍ୟମରେ ଏହି ଉନ୍ନୟନମୂଳକ କାର୍ଯ୍ୟ ସଫଳ ହୋଇଛି। ରାସ୍ତାଟି ନିର୍ମାଣ ହେବା ଫଳରେ ଗ୍ରାମର ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିଛି। ଏହି ସଫଳତା ପାଇଁ ଧନୁପଡ଼ା ଗ୍ରାମର ପ୍ରମିଳା ବେହେରା, ନଟବର ବେହେରା, ଦୁଃଶାସନ ବେହେରା, ସରୋଜିନୀ ବେହେରା, ପତିତପାବନ ବେହେରା, ସୋମନାଥ ବେହେରା ଏବଂ ନାରଣ ମୁଖୀଙ୍କ ସମେତ ବହୁ ଗ୍ରାମବାସୀ ସାଳେପୁର ବିଧାୟକ ଓ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିଙ୍କୁ ସାଧୁବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ସାଳେପୁର,୭।୪(ସମିସ): ସାଳେପୁର ବ୍ଲକ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ନର୍ମଦା ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ଏହି ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଗାନ୍ଧିଜୀ ମଧ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ସିଂହ ସଂଯୋଜନା କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରଧାନ ମାନପତ୍ର ପାଠ କରିଥିଲେ। ହିନ୍ଦୀ ଶିକ୍ଷକ ଜଗବନ୍ଧୁ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବିଜୟ ରାଉତ, ଅବସରପ୍ରାପ୍ତ ଶିକ୍ଷକ ସୁମନ୍ତ ବେହେରା, ସୁବାସ ଚନ୍ଦ୍ର ନାୟକ, ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ ବାରିକ, ଗାନ୍ଧିଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱପ୍ନେଶ୍ୱର ମଲ୍ଲିକ, ନିତ୍ୟାନନ୍ଦ ମଣ୍ଡାଙ୍ଗୀ, ମଧୁସ୍ମିତା ସ୍ୱାଇଁ, ମମତା ରାଉତରାୟ, କୋରେସା ବିବିଙ୍କ ସମେତ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ଦାଦା-ପୁତୁରାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କଣ୍ଟାପଡ଼ା,୭।୪(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋବିନ୍ଦପୁର ଥାନା ବଳଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ତିନି ଜଣ ଯୁବକ ଜଣେ ଯୁବକଙ୍କ ସମେତ ତାଙ୍କ ଦାଦାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଖୁଡ଼ିଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ପୁତୁରା ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ମୁତାବକ, ଗତ ସୋମବାର ସନ୍ଧ୍ୟାରେ ଗ୍ରାମ ମନ୍ଦିର ନିକଟରେ ଶିଶିର କୁମାର ରାଉତରାୟଙ୍କ ପୁତୁରା ସ୍ୱରାଜ ରାଉତରାୟଙ୍କୁ ସେହି ଗ୍ରାମର ତିନି ଯୁବକ ତାପସ ରାଉତରାୟ, ବୈଦ୍ୟନାଥ ରାଉତରାୟ ଓ ବିଶ୍ୱଜିତ ରାଉତରାୟ ଆକ୍ରମଣ କରିଥିଲେ। ପାଟି ଶୁଣି ଶିଶିର ଓ ତାଙ୍କ ସ୍ତ୍ରୀ ମମତା ଧଳସାମନ୍ତ ଘଟଣାସ୍ଥଳରେ ପହଞ୍ଚିବାରୁ ଉତ୍ୟକ୍ତ ଯୁବକମାନେ ଶିଶିରଙ୍କୁ ଠେଙ୍ଗାରେ ପିଟିବା ସହ ସ୍ୱରାଜଙ୍କ ମୁଣ୍ଡକୁ ଇଟାରେ ବାଡ଼େଇ ଦେଇଥିଲେ। ଫଳରେ ସ୍ୱରାଜ ସେଠାରେ ଅଚେତ ହୋଇ ପଡ଼ିଯାଇଥିଲେ। ଏହି ସମୟରେ ଯୁବକମାନେ ଖୁଡ଼ି ମମତାଙ୍କ ବେକରୁ ୧୮ ଗ୍ରାମର ଏକ ସୁନା ଚେନ୍ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ପ୍ରଥମେ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା, ମାତ୍ର ସ୍ୱରାଜଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟପକ୍ଷରେ, ଶିଶିର ସୋମବାର ରାତିରେ ହିଁ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ପୁଲିସ କୌଣସି ପଦକ୍ଷେପ ନେଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସିଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ହୁଲିପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ



କିଶନନଗର,୭।୪(ସମିସ): କଟକ ସଦର ଅନ୍ତର୍ଗତ ହୁଲିପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ଲୋକନାଥ ମହାପାତ୍ରଙ୍କ ଗୁହାଳରେ ନିଆଁ ଲାଗିଯିବା ଫଳରେ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ୩ଟି ଗାଈ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୧ଟା ୩୦ ମିନିଟ୍ ସମୟରେ ଲୋକନାଥଙ୍କ ଦୁଇ ବଖରା ବିଶିଷ୍ଟ ଗୁହାଳରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ନିଆଁକୁ ଆୟତ୍ତ କରିବାକୁ ପ୍ରାଣପଣେ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ସମଗ୍ର ଗୁହାଳଟି ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଗୁହାଳରେ ଥିବା ୭ଟି ଗୋରୁଙ୍କ ମଧ୍ୟରୁ ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ବେଳେ ୩ଟି ବାଛୁରି ଓ ୩ଟି ଗାଈଙ୍କୁ ଅଧାପୋଡ଼ା ଅବସ୍ଥାରେ ଉଦ୍ଧାର କରାଯାଇଛି। ଆହତ ଗାଈମାନଙ୍କୁ କିଶନନଗର ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଜରୁରିକାଳୀନ ଚିକିତ୍ସା ପ୍ରଦାନ କରାଯାଉଛି। ଶ୍ରୀ ମହାପାତ୍ର କିଶନନଗର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ କ୍ଷୟକ୍ଷତିର ଆକଳନ କରି ସହାୟତା ପାଇଁ ନିବେଦନ କରିଛନ୍ତି। ବର୍ତ୍ତମାନର ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ବଞ୍ଚିଥିବା ଗୋରୁମାନଙ୍କ ନିମନ୍ତେ ତୁରନ୍ତ ପଲିଥିନ ଯୋଗାଇଦେବାକୁ ସେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

**ଗୋଟିଏ ଗାଈ ଜୀବନ୍ତ ଦଗ୍ଧ, ୩ ଗୁରୁତର**

## ମା' ତାରିଣୀଙ୍କ ୩୫ତମ ବାର୍ଷିକ ଉତ୍ସବ



ମାହାଙ୍ଗା,୭।୪(ସମିସ): ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତର ପୁରୁଷୋତ୍ତମପୁରସ୍ଥିତ ମା' ତାରିଣୀ ପୀଠର ୩୫ତମ ବାର୍ଷିକ ଉତ୍ସବ ତିନିଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିନରେ ହୋମଯଜ୍ଞ ଓ ଚଣ୍ଡୀପାଠ ଆଦି ବିଧିବିଧାନ ସହ ମାଆଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କୁନି ପିଲାଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଯୁବ ସାମ୍ବାଦିକ ତଥା ସମାଜସେବୀ ପ୍ରଦୀପ୍ତ ମହାରଣା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରତାପ କୁମାର ସିଂହ ଓ ଅନ୍ୟତମ ଅତିଥି ଭାବେ ଅଭୟ ମହାନ୍ତି ଉପସ୍ଥିତ ଥିଲେ। ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିରର ଶିକ୍ଷକ ନରେନ୍ଦ୍ର ବରାଳ ମଞ୍ଚ ପରିଚାଳନା କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଭାଗ୍ୟଶ୍ରୀ ପ୍ରିୟଦର୍ଶିନୀ, ସ୍ୱୟଂସିଦ୍ଧି ବରାଳ, ଶ୍ରଦ୍ଧାଞ୍ଜଳି ମଲିକ ଓ ଅର୍ପିତା ଲେଙ୍କାଙ୍କ ସମେତ ଅନ୍ୟ ପ୍ରତିଯୋଗୀ ସୁନ୍ଦର ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ନରେନ୍ଦ୍ର ସାହୁ, ତାରିଣୀ ଶଙ୍କର ନାୟକ ଓ ମାନସ ରଞ୍ଜନ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜୟନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଆହତ ପେଚା ଉଦ୍ଧାର



ତିଗିରିଆ,୭।୪(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁ କଦମ୍ବସାହିର ଯୁବକମାନେ ଏକ ଆହତ ପେଚାକୁ ଉଦ୍ଧାର କରିଛନ୍ତି। ପେଚାଟି ରବିବାର ଅପରାହ୍ନରେ ବର୍ଷା ସମୟରେ ଆହତ ହୋଇ ଗ୍ରାମ ରାସ୍ତାରେ ପଡିଥିଲା। ସାହିର ଯୁବକ ଚିନୁ ମହାପାତ୍ର, ପିନୁ ମହାପାତ୍ର, ଜଗନ୍ନାଥ ମହାପାତ୍ର, ନିରାକାର ମହାପାତ୍ର ପ୍ରମୁଖ ଆହତ ପେଚାକୁ ନିକଟରେ ଥିବା ପଶୁ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ପରେ ପେଚାକୁ ବନ ବିଭାଗ ସହଯୋଗରେ ଜଙ୍ଗଲରେ ଛାଡି ଦିଆଯାଇଛି।

## ପଟୁଆ ହାଟରେ ବାଦୀପାଲା

ସାଳେପୁର,୭।୪(ସମିସ): ସାଳେପୁର ବ୍ଲକ୍ ଭୀମଦାସପୁର ପଟୁଆହାଟସ୍ଥିତ ବଟଗୋସ୍ୱାମୀ ମନ୍ଦିର ପ୍ରାଙ୍ଗଣରେ ୪ଦିନ ବ୍ୟାପୀ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ସତ୍ୟନାରାୟଣ ପାଲା ସଂସଦ ଭୀମଦାସପୁର ଆନୁକୂଲ୍ୟରେ ଅନୁଷ୍ଠିତ ଏହି



ବାଦୀପାଲାରେ ନୟାଗଡ଼ର ଗାୟକ ଜ୍ଞାନସାଗର ବିଭୁତିଭୂଷଣ ଜେନା ଓ ଢେଙ୍କାନାଳର ଗାୟକ ସୌରଭ ପ୍ରଶାନ୍ତ କୁମାର ବେହେରାଙ୍କ ମଧ୍ୟରେ ସମାଲୋଚନା ମୂଳକ ପାଲା ଅନୁଷ୍ଠିତ ହୋଇଥିଲା। ଦୁଇ ଗାୟକଙ୍କ ମଧ୍ୟରୁ ଶ୍ରୀ ଜେନାଙ୍କ ପାଲା ଶ୍ରୋତାମାନଙ୍କ ମନକୁ ଛୁଇଁଥିଲା। ଏହି ବାଦୀ ପାଲାକୁ ଶଶିଭୂଷଣ ବାରିକ, କ୍ଷୀରୋଦଚନ୍ଦ୍ର ଦାସ, ବଟକୃଷ୍ଣ ବିଶ୍ୱାଳ, ନିରଞ୍ଜନ ନାୟକ, କାମିନୀ ବଲ୍ଲଭ ସ୍ୱାଇଁ, ପ୍ରଭାତ ନାୟକ, ଅଜୟ ମହାନ୍ତି, ହୃଷୀକେଶ ବିଶ୍ୱାଳ, ନଗେଶ ବିଶ୍ୱାଳ, ଯଜ୍ଞେଶ୍ୱର ବିଶ୍ୱାଳ, ହୃଷୀକେଶ ମହାନ୍ତି, ସୁବାସ ଚନ୍ଦ୍ର ନାୟକଙ୍କ ସମେତ କମିଟିର ବହୁ ସଦସ୍ୟ ପରିଚାଳନା କରିଥିଲେ।

## କଟକ ସଦର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷାଙ୍କ ଶ୍ରଦ୍ଧାଞ୍ଜଳି ସଭା



କନ୍ଦରପୁର,୭।୪(ସମିସ): କଟକ ସଦର ବ୍ଲକର ପୂର୍ବତନ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ରାଉତଙ୍କ ୪ର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ଗଡିରାଉତପାଟଣା ସମିତି କାର୍ଯ୍ୟାଳୟଠାରେ ଯବ ଉଦ୍ୟୋଗୀ ବିକ୍ରମ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହୃଷୀକେଶ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରଜନୀକାନ୍ତ ସାହୁ, ଗଡିରାଉତପାଟଣା କୃଷକ ସେବା ସମବାୟ ସମିତି ସଭାପତି ସମର ବେହେରା, କଟକ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ନିର୍ମଳ ଦାସ, ବିଜେପି ନେତା ପିୟୁଷ ରଞ୍ଜନ ପରିଡ଼ା, ଧରିଣା ସରପଞ୍ଚ ରତ୍ନାକର ରାଉତ, ଫକିରପଡା ସମିତିସଭ୍ୟ ସନ୍ତୋଷ ରାଉତ, କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରା, ଅଜିତ ରାଉତ, କଟକ ସଦର ବିଚାର ମଞ୍ଚ ସଭାପତି ବରିଷ୍ଠ ସାମ୍ବାଦିକ ବିଷ୍ଣୁ ଚରଣ ବେହେରା, ଅନିରୁଦ୍ଧ ରାଉଳ, ଉମାକାନ୍ତ ରାଉତରାୟ, ତ୍ରିଲୋଚନ ସ୍ୱାଇଁ, ସାମ୍ବାଦିକ ସର୍ବେଶ୍ୱର ମିଶ୍ର, ସୁଶାନ୍ତ ଜେନା, ସୁକାନ୍ତ ବେଉରା, ସାଜିଦ ଅଲ୍ଲୀ, ଦେବେନ୍ଦ୍ର ସେଠୀ ବିଷ୍ଣୁପ୍ରିୟାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସମିତିର ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ସମେତ ଜିତେନ୍ଦ୍ର ଦାଶ, ଧରଣୀଧର ପଣ୍ଡା, ପ୍ରକାଶ ସାହୁ, ପ୍ରତାପ ରାଉତ, ମାଧବ ରାଉତ, ଅଦ୍ୱୈତ ରାଉତ, ସୁମନ୍ତ ପରିଡ଼ା ପ୍ରମୁଖ ସହାୟତା କରିଥିଲେ।

## କନ୍ଦରପୁର ବଜାରରେ ଅନ୍ଧାରର ରାଜୁତି

# ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବାଟବଣା

କନ୍ଦରପୁର,୭।୪(ସମିସ):

କଟକ ସଦର ଅଞ୍ଚଳର ଅତି ପୁରାତନ ତଥା ଗୁରୁତ୍ୱପୂର୍ଣ୍ଣ କନ୍ଦରପୁର ବଜାର ଏବେ ଅନ୍ଧକାରମୟ ପରିବେଶ ମଧ୍ୟରେ ଗତି କରୁଛି। ଦୀର୍ଘ ଦିନ ହେବ ଏଠାରେ ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବଜାର ଉପରେ ପାଖାପାଖି ୭ରୁ ଅଧିକ ପଞ୍ଚାୟତର ହଜାର ହଜାର ଲୋକ ନିର୍ଭୟ କରିଥାନ୍ତି। ଜଗତସିଂହପୁର, ପାରାଦୀପ, ମାଛଗାଁ ଓ କଟକ ଭଳି ପ୍ରମୁଖ ସହରକୁ ଯୋଡୁଥିବା ଏହି ମୁଖ୍ୟ ତ୍ରିଛକ ବଜାର ଏବେ ପ୍ରଶାସନିକ ଅବହେଳାର ଶିକାର ହୋଇଛି।

**୨ ବର୍ଷରୁ ଅଧିକ ହେବ ଅଚଳ ୫୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍‌ଲାଇଟ୍**

**ସୋଲାର ଲାଇଟ୍ ପାଇଁ କେବଳ ନିର୍ମାଣ ହୋଇଛି ପିଣ୍ଡି**

**ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବଜାର**



ସୂଚନା ଅନୁଯାୟୀ, ପୂର୍ବ ସରକାରଙ୍କ ସମୟରେ ବଜାରର ସୁରକ୍ଷା ଓ ସୁବିଧା ପାଇଁ ୫୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଗତ ୨ ବର୍ଷରୁ ଅଧିକ ସମୟ ହେବ ଏହି ସମସ୍ତ ଲାଇଟ୍ ଅଚଳ ହୋଇ ପଡ଼ିରହିଛି। ସନ୍ଧ୍ୟା ହେଲେ ସମଗ୍ର ବଜାର ଅନ୍ଧକାରରେ ବୁଡ଼ି ରହୁଥିବା ବେଳେ କେବଳ ଦୋକାନୀମାନଙ୍କ ବ୍ୟକ୍ତିଗତ ଆଲୋକରେ ହିଁ ବଜାର ଦୃଶ୍ୟମାନ ହେଉଛି। ବର୍ତ୍ତମାନର ସରକାର ସୋଲାର ଲାଇଟ୍ ଲଗାଇବା ପାଇଁ ଦୁଇଟି ସ୍ଥାନରେ ପିଣ୍ଡି ନିର୍ମାଣ କରି କାର୍ଯ୍ୟ ଅଧାପନ୍ତରିଆ ଭାବେ ଛାଡ଼ି ଦେଇଛନ୍ତି। ଫଳରେ ସେହି ପିଣ୍ଡିଗୁଡ଼ିକ ଏବେ କେବଳ ଶୋଭା ପାଉଛି କିନ୍ତୁ ଆଲୋକ ମିଳୁନାହିଁ। ବଜାରରେ ଆଲୋକ ନ ଥିବାରୁ ଏହାର ସୁଯୋଗ ନେଉଛନ୍ତି ଅସାମାଜିକ ବ୍ୟକ୍ତି। ଗଳିକନ୍ଦିରେ ସନ୍ଧ୍ୟା ପରେ ନିଶାଖୋର ଓ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଅନ୍ଧାରର ସୁଯୋଗ ନେଇ ଚୋରି, ଡକାୟତି ଓ ରାହାଜାନୀ ଭଳି ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଥିବାର ଦେଖାଯାଇଛି। ଏହାଛଡ଼ା ପ୍ରତିଦିନ ଏହି ବଜାର ଦେଇ ହଜାର ହଜାର ଯାନବାହନ ଯାତାୟତ କରୁଥିବାରୁ ଅନ୍ଧାର ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବହୁଗୁଣିତ ହୋଇଛି। ପ୍ରଶାସନିକ ଉଦାସୀନତାକୁ ନେଇ କନ୍ଦରପୁର ବଜାର କମିଟି ପକ୍ଷରୁ କାଳନ୍ଦୀ ଚରଣ ସ୍ୱାଇଁ, ଅଜୟ ପ୍ରଧାନ, ନିରଞ୍ଜନ ସାହୁ, ବୈଦ୍ୟନାଥ ସାହୁ, ପ୍ରମୋଦ ରାଉତଙ୍କ ସମେତ ବହୁ ବରିଷ୍ଠ ବ୍ୟବସାୟୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ବଜାରରେ ସୋଲାର ଲାଇଟ୍ ସଂଯୋଗ କରିବା ସହ ପୁରୁଣା ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ମରାମତି କରିବାକୁ ଦାବି ହୋଇଛି।

